**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**23 November - 2024**

**News Editor : *Itishree Singh Rathaur***

# ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଡିସେମ୍ବର ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ । ଗସ୍ତ ସମୟରେ ରାଷ୍ଟ୍ରପତି ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନାର ଶକ୍ତି ପ୍ରଦର୍ଶନ ନିରୀକ୍ଷଣ କରିବା ସହ ଭୁବନେଶ୍ୱରରେ ବିଚାର ବିଭାଗୀୟ କୋର୍ଟ କଂପ୍ଲେକ୍ସର ଉଦ୍‌ଘାଟନ କରିବେ । ଡିସେମ୍ବର ୩ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ମଧ୍ୟ ଯୋଗଦେବେ ।

# ଓଡ଼ିଶା ପର୍ବ

ଓଡ଼ିଶା ପର୍ବ ସମନ୍ୱୟ ଏବଂ ସଦ୍‌ଭାବନାର ପର୍ବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଗତ ସନ୍ଧ୍ୟାରେ ଦିଲ୍ଲୀରେ ଓଡ଼ିଶା ପର୍ବର ସପ୍ତମ ସଂସ୍କରଣକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି କହିଛନ୍ତି ବିଶ୍ୱର ଚିନ୍ତାର କାରଣ

ପାଲଟିଥିବା ଯୁଦ୍ଧ ବାତାବରଣକୁ ପ୍ରତିହତ କରିବା ପାଇଁ ଯୁଦ୍ଧ ନୁହେଁ ବୁଦ୍ଧ ଗୁରୁତ୍ୱପୂର୍ଣ୍ଣ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ସରକାର ରାଜ୍ୟରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ ପାଇଁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଆଗାମୀ ୫ବର୍ଷରେ ରାଜ୍ୟର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ୧ଲକ୍ଷ କୋଟିରୁ ଅଧିକ ସରକାରୀ ପୁଞ୍ଜି ବିନିଯୋଗ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପର୍ବ ଓଡ଼ିଆଙ୍କ ସମୃଦ୍ଧ ଓ ସ୍ୱତନ୍ତ୍ର ପରିଚୟକୁ ବିଶ୍ୱବିଦିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି । ଓଡ଼ିଶା ପର୍ବ ଆସନ୍ତାକାଲି ଉଦ୍‌ଯାପିତ ହେବ ।

## ବିଧାନସଭା ଶୀତକାଳୀନ ଅଧିବେଶନ

ବିଧାନସଭା ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍‌କୁ ମନ୍ତ୍ରୀପରିଷଦର ଅନୁମୋଦନ ମିଳିବାର ସମ୍ଭାବନା ଅଛି। ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ଡିସେମ୍ବର ୫ ତାରିଖରେ ପ୍ରଥମ ଅତିରିକ୍ତ ବଜେଟ୍ ଉପରେ ବ୍ୟୟ ମଞ୍ଜୁରି ବିଲ୍ ଉପସ୍ଥାପନ ହେବ । ସୂଚନାଯୋଗ୍ୟ ବିଧାନସଭାର ଶୀତକାଳୀନ ଅଧିବେଶନ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ

ଚାଲିବ। ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି। ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୨୫ ତାରିଖ ସୋମବାର ଦିନ ସର୍ବଦଳୀୟ ବୈଠକ ଡାକିଛନ୍ତି।

## ପେନସନ

ରାଜ୍ୟ ସରକାର କର୍ମଚାରୀଙ୍କୁ ଅବସର ଗ୍ରହଣ ଦିନ ସଂପୂର୍ଣ୍ଣ ପେନସନ ପ୍ରଦାନ ନିମନ୍ତେ ପଦକ୍ଷେପ ନେବାକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏହି ବ୍ୟବସ୍ଥା ଥିଲେ ମଧ୍ୟ ତାହା ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉନାହିଁ । ତେଣୁ ପ୍ରତିମାସରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ତଥ୍ୟ ପରବର୍ତ୍ତୀ ମାସ ୭ ତାରିଖରେ ଦେବାକୁ ମୁଖ୍ୟଶାସନ ସଚିବ ଅଧିକାରୀମାନଙ୍କୁ କହିଛନ୍ତି । ଯଦି କୌଣସି କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଭିଜିଲାନ୍ସ ମାମଲା ଥାଏ, ସେ କ୍ଷେତ୍ରରେ ସଂପୃକ୍ତ କର୍ମଚାରୀଙ୍କ ଅବସର ଗ୍ରହଣର ଯଥେଷ୍ଟ ପୂର୍ବରୁ ସମାଧାନ କରିବା ଲାଗି ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ଆନ୍ତର୍ଜାତିକ ବାଣିଜ୍ୟ ମେଳା

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ରାଜ୍ୟ ଦିବସ ପାଳିତ ହୋଇଯାଇଛି । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମଣ୍ଡପମ୍‌ରେ ବିଭିନ୍ନ ଷ୍ଟଲ୍ ପରିଦର୍ଶନ

କରିଥିଲେ । ଏଥିରେ ଘୁମୁରା, ଦୁଲୁଦୁଲି, ଧୁଡୁକି ଓ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା ।

## ଓଟିଇଟି ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ପ୍ରକାଶ ପାଇଛି । ମୋଟ୍ ୧ଲକ୍ଷ ୪୦ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୫୦ ହଜାର ପରୀକ୍ଷାର୍ଥୀ ର୍‍ୟାଙ୍କ ହାସଲ କରିଥିବା ସୂଚନା ମିଳିଛି । ପରିଷଦର ୱେବ୍‌ସାଇଟ୍ **bseodisha.ac.in** ରେ ପରୀକ୍ଷାଫଳ ଉପଲବ୍ଧ ହେଉଛି । ପରୀକ୍ଷର୍ଥୀମାନେ ୱେବ୍‌ସାଇଟ୍‌ରୁ ଉତ୍ତରଖାତା, ଓଏମ୍ଆର୍ ସିଟ୍ ଏବଂ ଡିଜିଟାଲ୍ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ନବକୃଷ୍ଣ ଜୟନ୍ତୀ

ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ପାଳନ କରାଯାଉଛି । ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ହେବାକୁଥିବା ମୁଖ୍ୟ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଜଗତସିଂହପୁର ଜିଲ୍ଲା ଖେରସା ଗ୍ରାମରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ

ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ।

## ଧାନ ଇନପୁଟ୍ ସହାୟତା

ଚଳିତମାସ ୨୦ ତାରିଖରୁ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କୁ ଇନପୁଟ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିବେ । ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ୮ଶହ ଟଙ୍କା ଇନପୁଟ ସହାୟତା ରାଶି ପ୍ରଦାନ କରାଯିବ । ସୂଚନା ଅନୁଯାୟୀ ଯେଉଁ ଚାଷୀମାନେ ପରବର୍ତ୍ତୀ ସମୟରେ ମଣ୍ଡୀରେ ଧାନ ବିକ୍ରି କରିବେ ସେମାନଙ୍କୁ କ୍ୱିଣ୍ଟାଲ ପିଛା ୩ ହଜାର ୧ଶହ ଟଙ୍କା ପ୍ରଦାନ କରାଯିବ ।

## ଦିବ୍ୟାଙ୍ଗ

ଦିବ୍ୟାଙ୍ଗମାନଙ୍କ ସହଜ ଚଳପ୍ରଚଳ ନିମନ୍ତେ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ହ୍ୱିଲ୍ ଚେୟାର ବ୍ୟବସ୍ଥା କରାଯିବ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ମେଳା, ମହୋତ୍ସବ, କର୍ମଶାଳା ସହ ଅନ୍ୟ ସରକାରୀ କାର୍ଯ୍ୟକ୍ରମରେ ହ୍ୱିଲ୍ ଚେୟାର ସହ ଆବଶ୍ୟକସ୍ଥଳେ ଜଣେ ସହଯୋଗୀ ଯୋଗାଇଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି ।

## ଧନୁଯାତ୍ରା

୭୭ତମ ବରଗଡ଼ ଧନୁଯାତ୍ରା ନିମନ୍ତେ ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତାବର୍ଷ ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାରେ ନୂଆ କଳାକାର କଂସ ଭୂମିକାରେ ଅଭିନୟ କରିବେ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ସବ୍‌କମିଟି ଓ ଉପକମିଟି ଗଠନ, ବଜେଟ ଉପସ୍ଥାପନ ଏବଂ ଆସନ୍ତା ଡିସେମ୍ବର ୪ ତାରିଖରେ ଶୁଭସ୍ତମ୍ଭ ସ୍ଥାପନ ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି ।

---